

# ୩୦

# ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତି ସମସ୍ୟା

# PROBLEMS OF SCHEDULED CASTE AND SCHEDULED TRIBE

ତୁମେ ଜାଣିଛ କି ସାମାଜିକ ସମସ୍ୟା କାହାକୁ କୁହାଯାଏ ? ତୁମେ ବୋଧହୁଏ ଏହି ଶବ୍ଦ ବିଷୟରେ ଜାଣିଥିବ କାରଣ ସମାଜ ଶାସ୍ତ୍ରବୀତ ମାନେ ଏହାକୁ ଅଧିକାଂଶ ସମୟରେ ବ୍ୟବହାର କରିଥାନ୍ତି । ଆମ ସମାଜ ଜାତି, ବୟସ, ଲିଙ୍ଗ ଇତ୍ୟାଦିକୁ ଆଧାର କରି ଅନେକ ଭାଗରେ ବିଭକ୍ତ ହୋଇଅଛି । ଏହାର କେତେକ ଭାଗ ଅତି ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଆଉ କେତେକର କିଛି ଗୁରୁତ୍ୱ ନଥାଏ । କିନ୍ତୁ ଯେତେବେଳେ ସେଗୁଡିକ ଖାପ ଖୁଆଇ ଚଳିବା ପାଇଁ ଚେଷ୍ଟା କରନ୍ତି, ସାମ୍ପ୍ରତିକ ପରିସ୍ଥିତିରେ ସେତେବେଳେ ଏହାର ଫଳାଫଳ ସାମାଜିକ ବିଘଟନକୁ ଯାଇଥାଏ । ଯାହା ଏକ ସାମାଜିକ ସମସ୍ୟା ଅଟେ । ଏଣୁ ଏକ ପ୍ରକାର ଅମାନୁଷିକ ବ୍ୟବହାର ସମାଜରେ ଦେଖାଦେଇଥାଏ । ଏହା ସାମାଜିକ ସମସ୍ୟାକୁ ବଞ୍ଚିତକରଣ (deprivation) ଭାବରେ ସାହାଯ୍ୟ କରିଥାଏ । ଏଣୁ ସାମାଜିକ ସମସ୍ୟାଗୁଡିକ ଯେତେବେଳେ କୌଣସି ସମ୍ପ୍ରଦାୟର ଅଧିକାଂଶ ଲୋକଙ୍କର ଧ୍ୟାନ ଆକର୍ଷଣ କରେ ସେତେବେଳେ ଶାସନର ନଜରକୁ ଆସିଥାଏ ଏବଂ ସମାଧାନର ପନ୍ଥା ଖୋଜାଯାଇଥାଏ ।

ଆମ ସମାଜରେ ଅବହେଳିତ ଗୋଷ୍ଠୀ ଭାବେ ତଫସିଲଭୁକ୍ତ ଜାତି, ତଫସିଲଭୁକ୍ତ ଜନଜାତି, ଅନ୍ୟାନ୍ୟ ପଛୁଆ ଜାତି, ମହିଳା ଓ ଛୋଟ ପିଲାମାନଙ୍କୁ ବିଚାରକୁ ନିଆଯାଇଥାଏ । ଯେତେବେଳେ କୌଣସି ପରିସ୍ଥିତିରେ ବା ସମସ୍ୟାରେ ପଡ଼ି ଲୋକେ ସମାଧାନ ପାଇଁ ସଚେତନ ହୁଅନ୍ତି । ତାହାକୁ ସାମାଜିକ ସମସ୍ୟା କୁହାଯାଏ । ଏହି ଅଧ୍ୟାୟରେ ଆମେ ଆମ ଦେଶର ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତିମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟରେ ତୁମେ ଜାଣିବାକୁ ପାଇବ ।

- ସାମାଜିକ ସମସ୍ୟା ଓ ବଞ୍ଚିତକରଣର ସଂଜ୍ଞା ।



- ଅସ୍ପୃଶ୍ୟତା କାହାକୁ କୁହାଯାଏ ?
- ତଫସିଲଭୁକ୍ତ ଜାତିର ସମସ୍ୟା
- ତଫସିଲଭୁକ୍ତ ଜନଜାତିର ସମସ୍ୟା ?

## ୩୦.୧ ତଫସିଲଭୁକ୍ତ ଜାତିର ବିଭିନ୍ନ ସମସ୍ୟା

ତୁମେ ଜାଣିଛ କି ତଫସିଲଭୁକ୍ତ ଜାତି କ'ଣ ? ତଫସିଲଭୁକ୍ତ ଜାତିକୁ ପାରମ୍ପରିକ ଜାତି ବ୍ୟବସ୍ଥାରେ ସବୁଠୁ ନିମ୍ନରେ ରଖାଯାଇଅଛି । ସାଧାରଣତଃ ସେମାନେ ଅପରିଷ୍କାର କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି । ତେଣୁ ସେମାନଙ୍କୁ ଅପରିଷ୍କାର ଜାତି ବା ଅପବିତ୍ର ଜାତି କୁହାଯାଏ । ସେମାନେ ଅବିଶୁଦ୍ଧ ବା ଅପବିତ୍ରତା କାର୍ଯ୍ୟ କରୁଥିବାରୁ ସେମାନଙ୍କୁ ଅସ୍ପୃଶ୍ୟ କୁହାଯାଏ । ଯଥା : ଶୁଦ୍ର, ଚଣ୍ଡାଳ, ଦାସ, ମ୍ଲେଚ୍ଛା, ଅସ୍ପଶ୍ୟ ଏବଂ ହରିଜନ । ୧୯୫୦ ମସିହା ଅକ୍ଟୋବର ମାସରେ ଭାରତର ରାଷ୍ଟ୍ରପତି ସମ୍ବିଧାନର ଧାରା ୩୪୧ (SC) ଓ ୩୪୨ (ST) ଅନୁଯାୟୀ କେତେକ ଜାତିକୁ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ କଲେ । ଆମ ଦେଶ ଭାରତରେ ପ୍ରାୟ ୭୦୦ ତଫସିଲଭୁକ୍ତ ଜାତି ଦେଖିବାକୁ ମିଳିଥାଏ । ସେଗୁଡିକ ମଧ୍ୟରୁ ଚମାର, ଦୁସ୍ଧ, ଡମ, ପାସି, ମେହେନ୍ତର, ମହର, ବଲାଇ ଓ ଆଦି-ଦ୍ରାବିଡ ଜାତିଗୁଡିକ ପ୍ରଭାବଶାଳୀ ତଫସିଲଭୁକ୍ତ ଜାତି ହିସାବରେ ଜଣାଯାଇଥାଏ । ଏହି ତଫସିଲଭୁକ୍ତ ଜାତିଗୁଡିକ ବର୍ତ୍ତମାନ ଦଳିତ (Dalit) ଭାବେ ପରିଚିତ । ବର୍ତ୍ତମାନ ସମାଜରେ ପରିବର୍ତ୍ତନ ଯୋଗୁଁ ଏହି ଜାତିର ଲୋକେ ବିହାର ଓ ଉତ୍ତର ପ୍ରଦେଶ ଭଳି ରାଜ୍ୟଗୁଡିକର ମୁଖ୍ୟମନ୍ତ୍ରୀ ହେବା ସଙ୍ଗେ ଭାରତର ରାଷ୍ଟ୍ରପତି ଆସନକୁ ମଧ୍ୟ ଅଳଙ୍କୃତ କରିପାରିଛନ୍ତି । ଭାରତର ମୋଟ ଜନସଂଖ୍ୟାର ଶତକଡ଼ା ୧୫ ଭାଗ ହେଲେ ଏହି ଜାତିର ଲୋକ । ପଞ୍ଜାବ, ହରିୟାନା, ହିମାଚଳ ପ୍ରଦେଶ, ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ ଓ ବିହାର ରାଜ୍ୟମାନଙ୍କରେ ଏହି ଜାତିର ଲୋକସଂଖ୍ୟା ଅଧିକ । ପଞ୍ଜାବରେ ଏମାନଙ୍କ ସଂଖ୍ୟା ୨୯.୬ ଭାଗ ଥିବାସ୍ଥଳେ ହିମାଚଳ ପ୍ରଦେଶରେ ୨୧.୨ ଭାଗ ଲୋକ ଦେଖାଯାଇଥାନ୍ତି । କେବଳ ଗଙ୍ଗୋତ୍ରୀ ସମତଳ ଅଞ୍ଚଳରେ ଦେଶର ମୋଟ ତଫସିଲଭୁକ୍ତ ଜାତିର ଶତକଡ଼ା ୫୧ଭାଗ ବସବାସ କରିଥାନ୍ତି । ଏହାଛଡ଼ା ଉତ୍ତର ପ୍ରଦେଶ ଓ ହିମାଚଳ ପ୍ରଦେଶର ପାହାଡି ଅଞ୍ଚଳ; ଉତ୍ତର-ପୂର୍ବ ରାଜ୍ୟସମୂହ, କର୍ଣ୍ଣାଟକ, ମହାରାଷ୍ଟ୍ର ରାଜ୍ୟମାନଙ୍କରେ ତଫସିଲଭୁକ୍ତ ଜାତିର ସଂଖ୍ୟା ଖୁବ୍ କମ୍ । ଏହି ଜାତିର ଲୋକଙ୍କ ପାଇଁ ବିଧାନସଭା, ପାର୍ଲିଆମେଣ୍ଟ, ଶିକ୍ଷାନୁଷ୍ଠାନ ତଥା ଚାକିରୀ କ୍ଷେତ୍ରରେ ସ୍ଥାନ ସଂରକ୍ଷଣ କରାଯାଇଅଛି ।

### (କ) ଅସ୍ପଶ୍ୟତା ସମସ୍ୟା

ତଫସିଲଭୁକ୍ତ ଜାତିର ଲୋକେ ପାଇଖାନା ସଫା କରିବା, ମରିଯାଇଥିବା ପଶୁକୁ ବୋହିନେବା, ଗାଇଗୁହାଳ ସଫା କରିବା, ଲୁଗା ସଫା କରିବା କିମ୍ବା ମଶାଣିପଦାରେ କିଛି କାମ କରିବା ଇତ୍ୟାଦିରେ ନିୟୋଜିତ ହୋଇଥାନ୍ତି । ଏହିସବୁ କାମଗୁଡିକୁ ଅଶୁଦ୍ଧ (Impure) ବୋଲି ଧରାଯାଏ



ଏବଂ ଏହି କାମଗୁଡିକୁ ଯେଉଁ ଲୋକମାନେ କରିଥାନ୍ତି ସେମାନଙ୍କ ଅସ୍ପୃଶ୍ୟ କୁହାଯାଏ । ଏହି ଅସ୍ପୃଶ୍ୟତା ଯୋଗୁଁ ତଫସିଲଭୁକ୍ତ ଜାତିର ଲୋକମାନେ ନିମ୍ନଲିଖିତ ପ୍ରତିବନ୍ଧକ ଓ ଅପାରଗତା ଦେଖାଇଥାନ୍ତି ।

(୧) **ପ୍ରାକୃତିକ ସମ୍ପର୍କ ନଥାଏ (No Physical contact) :** ତଫସିଲଭୁକ୍ତ ଜାତିର ଲୋକେ ଅସ୍ପୃଶ୍ୟ ଥିବା ହେତୁ ଗାଁର କୌଣସି ସଭା ସମିତିରେ ବସିପାରନ୍ତି ନାହିଁ କିମ୍ବା କୌଣସି ପୂଜାପାଠ କରିପାରନ୍ତି ନାହିଁ । ସେମାନେ ଏକ ପ୍ରକାର ଅଲଗା ଭାବରେ ବସବାସ କରିଥାନ୍ତି । ସେମାନଙ୍କ ପିଲାମାନେ ବିଦ୍ୟାଳୟକୁ ପଢିବା ପାଇଁ ଯାଇପାରନ୍ତି ନାହିଁ କିମ୍ବା ଉଚ୍ଚଜାତିର ପିଲାଙ୍କ ସଙ୍ଗେ ଖେଳିପାରନ୍ତି ନାହିଁ । ଅତୀତରେ ଗାଁର ରାସ୍ତାରେ ଯିବା ଆସିବାବେଳେ ସେମାନଙ୍କୁ ବାଜା ବଜାଇବାକୁ ପଡୁଥିଲା ।

**(୨) ସର୍ବସାଧାରଣ କୁଅ ଓ ପୋଖରୀ ମନା (Ban on the use of common wells and tanks) :** ଏହି ଜାତିର ଲୋକେ ସର୍ବସାଧାରଣ କୁଅ କିମ୍ବା ପୋଖରୀରୁ ପାଣି ଆଣିପାରନ୍ତି ନାହିଁ । ସେମାନଙ୍କ ବ୍ୟବହାର ପାଇଁ ଅଲଗା କୁଅ ଓ ପୋଖରୀ ଥାଏ ।

**(୩) ମନ୍ଦିରକୁ ପ୍ରବେଶ ନିଷେଧ** (Prohibited from entering temple): ତଫସିଲଭୁକ୍ତ ଜାତିର ଲୋକଙ୍କ ପାଇଁ ମନ୍ଦିରକୁ ପଶିବା ମନା । ପୁନଶ୍ଚ ସେମାନେ କୌଣସି ଧାର୍ମିକ କାର୍ଯ୍ୟ କରିବା, ପ୍ରାର୍ଥନା କରିବା କିମ୍ବା ଧର୍ମଗ୍ରନ୍ଥ ପଢିବା ଇତ୍ୟାଦି ମଧ୍ୟ ନିଷେଧ ।

**(୪) ବୃତ୍ତିଗତ ଜାତିଠାରୁ କୌଣସି ସେବା ପାଆନ୍ତି ନାହିଁ** (Did not receive service from occupational castes) : ପୁରୋହିତ, କାରିଗରୀଜାତି, ଧୋବା (ଲୁଗା ସଫା କରିବା ଜାତି) ଏବଂ ଡମ (ଲୋକ ମରିଯିବା ପରେ ବିଧିବିଧାନ କରିବା ଜାତି) ଜାତିଗୁଡିକ ଅସ୍ପୃଶ୍ୟ ଜାତିକୁ ସେବା ଯୋଗାଇବା ନିଷେଧ ।

**(୫) ରାନ୍ଧିଥିବା ଖାଦ୍ୟ ଦେବା ମନା** (Non-acceptance of cooked food) : ତଫସିଲଭୁକ୍ତ ଜାତି ବା ଶୁଦ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଖାଦ୍ୟ ଉଚ୍ଚଜାତି ଲୋକଙ୍କ ଦ୍ୱାରା ଗ୍ରହଣଯୋଗ୍ୟ ନୁହେଁ । ଏହି ଜାତିର ଲୋକଙ୍କ ଠାରୁ ପାଣି ମଧ୍ୟ ଗ୍ରହଣ କରାଯାଏ ନାହିଁ ।

**(ଖ) ଦାରିଦ୍ର୍ୟରୁ ସୃଷ୍ଟି ହେଉଥିବା ସମସ୍ୟା** (poverty generated problem) : ତଫସିଲଭୁକ୍ତ ଜାତିର ଲୋକମାନେ ଅର୍ଥନୈତିକ ଅଧିକାରରୁ ମଧ୍ୟ ବଞ୍ଚିତ ହୋଇଥାନ୍ତି । ତେଣୁ ସେମାନେ ଗରିବ । ଏଣୁ ସେମାନେ ଅନ୍ୟମାନଙ୍କ ଉପରେ ମଧ୍ୟ ନିର୍ଭର କରିଥାନ୍ତି । ସେମାନଙ୍କ ଦାରିଦ୍ର୍ୟ ସମ୍ପର୍କିତ କେତେକ ସମସ୍ୟା ନିମ୍ନରେ ଆଲୋଚନା କରାଗଲା ।

**(୧) ବସ୍ତୁବାଦୀ ସୁବିଧା ସୁଯୋଗରୁ ବଞ୍ଚିତ** (Material Deprivation) : ତଫସିଲଭୁକ୍ତ ଜାତିର ଲୋକମାନେ ଘର, ଜମି, ଗୃହପାଳିତ ପଶୁ କିମ୍ବା କୌଣସି ଅଳଙ୍କାର ରଖିପାରନ୍ତି ନାହିଁ । ତେଣୁ ସେମାନେ ବସ୍ତୁବାଦୀ ସୁବିଧାସୁଯୋଗରୁ ବଞ୍ଚିତ ହେଉଥିଲେ ।

**(୨) ଜମିହୀନ ବା ଭୂମିହୀନ** (Landlessness) : ତଫସିଲଭୁକ୍ତ ଜାତି ଲୋକଙ୍କର ଘର ତିଆରି ପାଇଁ ବା ଚାଷ କାର୍ଯ୍ୟ ପାଇଁ ଜମି ନଥିଲା । ତେଣୁ ସେମାନେ ମାଲିକର ଜମିରେ କୁଡିଆ କରି ବାସ କରୁଥିଲେ ଏବଂ କୃଷିଶ୍ରମିକ ବା ବନ୍ଧୁଆ ଶ୍ରମିକ ହିସାବରେ କାମ କରୁଥିଲେ ।


**(୩) ଶିକ୍ଷା କ୍ଷେତ୍ରରେ ଅନୁନ୍ନତ** (Educational Backwardness) : ବିଭିନ୍ନ କ୍ଷେତ୍ରରେ ବଞ୍ଚିତ ହେବା ହେତୁ ଓ ଦୁର୍ବଳ ସାମାଜିକ-ଅର୍ଥନୈତିକ ଅବସ୍ଥା ଯୋଗୁଁ ତଫସିଲଭୁକ୍ତ ଜାତିର ପିଲାମାନେ ଶିକ୍ଷାରୁ ବଞ୍ଚିତ ହୋଇଥାନ୍ତି ଏବଂ ସେମାନଙ୍କୁ ବିଦ୍ୟାଳୟକୁ ଯିବା ପାଇଁ ମନା ।

**(୪) କର୍ମନିଯୁକ୍ତି ଓ ସରକାରୀ ଚାକିରି** (Employment and Govt. service) : ଭାରତ ସ୍ୱାଧୀନତା ଲାଭ କଲାପରେ ସେମାନଙ୍କ ମଧ୍ୟରୁ ଅନେକ ସରକାରୀ ଚାକିରିରେ ଯୋଗ ଦେଇଛନ୍ତି; ଯଥା- ମେହେନ୍ତର, ଜଗୁଆଳି ଓ ପିଅନ ଭାବରେ । ବର୍ତ୍ତମାନ ଏହି ଜାତିର ଲୋକେ ଅନେକ ଉଚ୍ଚଶିକ୍ଷିତ ଓ ଭଲ ଭଲ ଚାକିରିରେ ମଧ୍ୟ ସ୍ଥାପିତ । କିନ୍ତୁ ଏବେ ମଧ୍ୟ ଅଧିକାଂଶ ଲୋକ କୃଷି ଶ୍ରମିକ ଭାବେ କାମ କରିଥାନ୍ତି । ଯେଉଁଠି ସେମାନଙ୍କୁ ଭଲ ମଜୁରି ଟିକେ ମିଳିନଥାଏ ।

**(୫) ଋଣଗ୍ରସ୍ତତା ଓ ବନ୍ଧା ଶ୍ରମିକ** (Indebtedness and Bonded Labour) : ଏବେ ମଧ୍ୟ ତଫସିଲଭୁକ୍ତ ଜାତିର ଅଧିକାଂଶ ପରିବାର ଦିନକୁ ଦି'ଥର ଖାଇବାକୁ ପାଆନ୍ତି ନାହିଁ । ତେଣୁ ବଞ୍ଚିବାପାଇଁ ସେମାନେ ସାହୁକାରଠାରୁ ଉଚ୍ଚ ସୁଧ ହାରରେ ଋଣ ନେଇଥାନ୍ତି । କିନ୍ତ ଋଣ ଟଙ୍କା ଓ ସୁଧ ଟଙ୍କା ପରିଶୋଧ କରିନପାରି ବନ୍ଧା ଶ୍ରମିକ ହିସାବରେ କାମ କରିଥାନ୍ତି ଏବଂ ସମସ୍ତ ଅଧିକାରରୁ ବଞ୍ଚିତ ହୋଇଥାନ୍ତି ।

**(୬) ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟ** (Health and Nutrition) : ଅନେକ ତଫସିଲଭୁକ୍ତ ଜାତି ଲୋକଙ୍କର ଏବେ ମଧ୍ୟ ଘରେ ଝରକା, ପାଇଖାନା କିମ୍ବା ପାଣି ଯିବା ପାଇଁ ନାଳନାହିଁ । ସେମାନେ ଗାଈ, ଗୋରୁଙ୍କ ସାଙ୍ଗେ ଗୋଟିଏ କୋଠରୀରେ ରହନ୍ତି । ସେମାନେ ଝାଡ଼ା, ପରିସ୍ରା ରାସ୍ତାରେ କରିଥାନ୍ତି । ତା'ଛଡ଼ା ଗୋବର, ପାଉଁଶ ବା ଅନ୍ୟାନ୍ୟ ମଇଳା ଆବର୍ଜନା ପତ୍ର ରାସ୍ତାରେ ପକାଇଥାନ୍ତି । ପିଇବା ପାଣି ପାଇଁ ସେମାନଙ୍କ ପକ୍କା କୁଅ କିମ୍ବା ହାତ ପମ୍ପ ନଥାଏ । ଏଣୁ ଦରିଦ୍ରତା ହେତୁ ସେମାନଙ୍କୁ ଏକ ଅସ୍ୱାସ୍ଥ୍ୟକର ପରିସ୍ଥିତିରେ ରହିବାକୁ ପଡିଥାଏ ।

**(୭) ନିଷ୍ଠୁରତା ବା ବର୍ବରତା** (Atrocities) : ଅନେକ ସମୟରେ ବହୁ ସ୍ଥାନରେ ତଫସିଲଭୁକ୍ତ ଜାତିମାନଙ୍କୁ ବିଭିନ୍ନ କାରଣରୁ ସେମାନଙ୍କ ଘର ଜାଳିଦେବା, ଗୃହପାଳିତ ପଶୁଙ୍କୁ ନେଇଯିବା, ମହିଳାମାନଙ୍କୁ ଅତ୍ୟାଚାର କରିବା ଇତ୍ୟାଦି ଦେଖାଦେଇଥାଏ । ସେମାନଙ୍କୁ ଅମାନୁଷିକ



ଭାବେ ମଧ୍ୟ ମାଡ ଦିଆଯାଇଥାଏ । ଆହୁରି ମଧ୍ୟ ସେମାନଙ୍କୁ ଦଳବଦ୍ଧ ହୋଇ ହତ୍ୟା କରିଥାନ୍ତି । ଏହିସବୁ କାରଣଗୁଡିକ ଯୋଗୁଁ ସେମାନେ ଏବେ ସେମାନଙ୍କ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଅଧିକାରଗୁଡ଼ିକ ପାଇଁ ଦାବି କରି ଆସୁଛନ୍ତି ।

### (ଗ) ଅସ୍ପୃଶ୍ୟତା ଅପରାଧ ଆଇନ ୧୯୫୫ (Untouchability (offences) Act 1955)

ଅସ୍ପୃଶ୍ୟତା ଦୂରୀକରଣ ପାଇଁ ଭାରତ ସରକାର ୧୯୫୫ ମସିହା ଜୁନ୍ ମାସରେ ଅସ୍ପୃଶ୍ୟତା ଆଇନ ପ୍ରଣୟନ କଲେ । ଅସ୍ପୃଶ୍ୟତାକୁ ଭିତ୍ତିକରି ଅସ୍ପୃଶ୍ୟମାନଙ୍କୁ ସର୍ବସାଧାରଣ ମନ୍ଦିର ବା ପୂଜା ଉପାସନା ଜାଗାରେ ପ୍ରବେଶକୁ ପ୍ରତିରୋଧ କରାଯାଏ । ଯଦି ସର୍ବସାଧାରଣ କୁଅ, ପୋଖରୀ, ହୋଟେଲ, ଧର୍ମଶାଳା, ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ, ସର୍ବସାଧାରଣ ସଭାସମିତି, ବସ୍‌ରେ କିମ୍ବା ଟ୍ରେନରେ ଯାତ୍ରା ଇତ୍ୟାଦିକୁ ବାରଣ କରାଯାଏ, ତା'ହେଲେ ତା ପାଇଁ ଦଣ୍ଡ ବିଧାନର ବ୍ୟବସ୍ଥା ଅଛି । ଏହି ଆଇନ ୧୯୭୬ ମସିହାରେ ସଂଶୋଧିତ ହୋଇ ଦଣ୍ଡବିଧାନକୁ ଆହୁରି କଠୋର କରାଗଲା । ପ୍ରଥମଥର ଅପରାଧ ପାଇଁ ଏକ ମାସରୁ ୬ମାସ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଏବଂ ୧୦୦ ଟଙ୍କାରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା, ଦ୍ୱିତୀୟଥର ଅପରାଧ କଲେ ଟ୨୦୦/-ରୁ ଟ୫୦୦/- ପର୍ଯ୍ୟନ୍ତ ଜୋରିମାନା ସହିତ ୬ ମାସ ଜେଲ୍‌ଦଣ୍ଡ ଏବଂ ତୃତୀୟଥର ଏହି ଅପରାଧ କଲେ ଟ୨୦୦/-ରୁ ଟ୧୦,୦୦୦/- ପର୍ଯ୍ୟନ୍ତ ଜୋରିମାନା ଏବଂ ଏକ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଦେବାର ଆଇନରେ ବ୍ୟବସ୍ଥା ଅଛି । ଏହା ସତ୍ତ୍ୱେ ଗ୍ରାମାଞ୍ଚଳରେ କେତେକାଂଶରେ ଅସ୍ପୃଶ୍ୟତା ଦେଖିବାକୁ ମିଳିଥାଏ, କିନ୍ତୁ ପୌରାଞ୍ଚଳରେ ମାନସିକ ସ୍ତରରେ ଏହା ରହିଥିବାର ଦେଖାଯାଏ ।

### ପାଠଗତ ପ୍ରଶ୍ନ ୩୦.୧

୧. ମୌଳିକ ଅଧିକାର ଓ ସ୍ୱାଧୀନତା ହାସଲ ଗରିବ ଲୋକଙ୍କୁ ............... । (ବଞ୍ଚିତ କରିଥାଏ, ଯୋଗାଇଥାଏ)

୨. ଅନୁସୂଚୀତ ଜାତିଗୁଡିକ ............................ କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି । (ପରିଷ୍କାର, ଅପରିଷ୍କାର)

୩. ଅନୁସୂଚିତ ଜାତିଗୁଡିକ ............... ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । (ଅସ୍ପୃଶ୍ୟତା, ସ୍ପୃଶ୍ୟତା)

୪. ଅସୁସୂଚିତ ଜାତି ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଉଚ୍ଚ ଜାତି ଲୋକଙ୍କ ଦ୍ୱାରା ........................ । (ଗ୍ରହଣ କରାଯାଏ, ଗ୍ରହଣ କରାଯାଇନଥାଏ)

୫. ଅନୁସୂଚିତ ଜାତି ଲୋକେ ..................... କୁଅ ଓ ପୋଖରୀରୁ ପାଣି ବ୍ୟବହାର

କରିଥାନ୍ତି । (ସାଧାରଣ, ଅସାଧାରଣ)

## ୩୦.୨ ଅନୁସୂଚିତ ଜନଜାତିଙ୍କ ସମସ୍ୟା (Problems of Scheduled Tribe)

ତୁମେ ଅନୁସୂଚୀତ ଜନଜାତି ସମ୍ବନ୍ଧରେ ଜାଣିଛ କି ? ଅନୁସୂଚିତ ଜନଜାତିଗୁଡିକ ବଣ, ପାହାଡ, ସମୁଦ୍ରକୂଳ, ମରୁଭୂମି ଅଞ୍ଚଳ, ଏପରିକି ଦ୍ୱୀପପୁଞ୍ଜମାନଙ୍କରେ ମଧ୍ୟ ବାସ କରିଥାନ୍ତି। ସେମାନଙ୍କ ନିଜର ସଂସ୍କୃତି ଏବଂ ସଂଗଠନ ଥାଏ। ସେମାନଙ୍କ ନିଜର ମଧ୍ୟ ରାଜନୈତିକ ସଂଗଠନ ଅଛି। କାଳକ୍ରମେ ସେମାନେ ହିନ୍ଦୁ ଧର୍ମ, ଇସଲାମ୍ ଓ ଖ୍ରୀଷ୍ଟ ଧର୍ମ ମଧ୍ୟ ଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ଏକକ ବିବାହ ଓ ବହୁ ବିବାହ ବ୍ୟବସ୍ଥା ମଧ୍ୟ ଦେଖିବାକୁ ମିଳିଥାଏ। ନିଜସ୍ୱ କଳା, ସଂସ୍କୃତି, ନୃତ୍ୟ, ସଂଗୀତ ସେମାନଙ୍କର ପରିଚୟ। କିନ୍ତୁ କେତେକ ଜନଜାତି ବହୁପତି ବିବାହକୁ ମଧ୍ୟ ଆଦରି ଥାଆନ୍ତି- ଯଥା ଟୋଡା ଏବଂ ଖାସି। ଜନଜାତି ସମାଜର ପାରମ୍ପରିକ ଅର୍ଥନୀତି ହେଲା ଜଙ୍ଗଲରେ ଶିକାର କରିବା, ମାଛ ଧରିବା, ପୋଡୁ ଚାଷ କରିବା ଇତ୍ୟାଦି ଉପରେ ନିର୍ଭର କରେ । ସେମାନଙ୍କ ସାପ୍ତାହିକ ବଜାରକୁ "ହାଟ" (Hatt) ବୋଲି କୁହାଯାଇଥାଏ। ଅତୀତରେ ସେମାନଙ୍କ ମଧ୍ୟରେ ଜିନିଷ ବଦଳରେ ଜିନିଷ ଦିଆନିଆ ହେଉଥିଲା ଯାହାକୁ (Barter) କୁହାଯାଉଥିଲା। କିନ୍ତୁ ବର୍ତ୍ତମାନ ସେମାନେ ଟଙ୍କା ପ୍ରଚଳନକୁ ଆଦରି ନେଇଛନ୍ତି।

ଆମ ଦେଶରେ ସର୍ବମୋଟ ୪୬୧ଟି ଜନଜାତି ଦେଖାଯାଇଥାନ୍ତି। ଏଗୁଡିକ ମଧ୍ୟରୁ ୭୫ଟି ପଛୁଆ ସମ୍ପ୍ରଦାୟକୁ ଆଦିମ ଜନଜାତି ଗୋଷ୍ଠୀର ଆଖ୍ୟା ଦିଆଯାଇଛି ।

ବର୍ତ୍ତମାନ ଅଧିକାଂଶ ଜନଜାତିର ଲୋକେ ହିନ୍ଦୁଧର୍ମ, ବୌଦ୍ଧଧର୍ମ, ଇସଲାମ ଧର୍ମ ଓ ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଛନ୍ତି । ଏହିସବୁ ସେମାନଙ୍କ ପାରମ୍ପରିକ ପ୍ରଥା, ପରମ୍ପରା, ପର୍ବପର୍ବାଣୀ, କଳା, ନୃତ୍ୟ ଇତ୍ୟାଦିକୁ ଛାଡ଼ିବାକୁ ବାଧ୍ୟ କରିଥାଏ। ଇତିମଧ୍ୟରେ ଜନଜାତି ସମାଜରେ ଅନେକଗୁଡିଏ ପରିବର୍ତ୍ତନ ଦେଖାଦେଇଅଛି । ଯଥା- ପୂର୍ବପରି ସେମାନଙ୍କ ସୁବୃହତ୍ ଯୁବଘର ବା ଆଖଡା (Dormitory) ଦେଖିବାକୁ ମିଳୁନାହିଁ। ଜନଜାତିମାନଙ୍କ ଝିଅଙ୍କ ଅଣଜନଜାତି ପୁଅଙ୍କ ସହିତ ବିବାହ କରୁଛନ୍ତି । ଶିଳ୍ପୀକରଣ, ସହରୀକରଣ, ଆଧୁନିକ ଶିକ୍ଷା ଇତ୍ୟାଦିର ପ୍ରଭାବ ଯୋଗୁଁ ସେମାନଙ୍କ ଚାଲିଚଳନ, ଜୀବନଶୈଳୀ, ଖାଦ୍ୟପେୟ, ପୋଷାକପତ୍ର ଇତ୍ୟାଦିରେ ଅନେକ ପରିବର୍ତ୍ତନ ଦେଖାଦେଉଛି।

### (୧) ଜଙ୍ଗଲ ଜନିତ ସମସ୍ୟା (Problems related to forest)

ଅତୀତରେ ଜନଜାତିର ଲୋକେ ଜଙ୍ଗଲ ଉପରେ ନିର୍ଭର କରୁଥିଲେ। ଜଙ୍ଗଲରୁ ସେମାନେ ଜାଳେଣି ସଂଗ୍ରହ କରୁଥିଲେ ଓ ଶିକାର ମଧ୍ୟ କରୁଥିଲେ। ମାତ୍ର କାଳକ୍ରମେ ସରକାରୀ ଆଇନ ବଳରେ ଏସବୁ କାର୍ଯ୍ୟଗୁଡିକୁ ନିୟନ୍ତ୍ରଣ କରାଗଲା । ଜଙ୍ଗଲଜାତ ଦ୍ରବ୍ୟ ଉପରେ ସରକାରଙ୍କ ଦ୍ୱାରା



ନିଲାମ ହେଉଛି । ଯାହା ଫଳରେ ସରଳ, ନିରୀହ ଜନଜାତିର ଲୋକେ ଠିକାଦାରଙ୍କ ହାତରେ ଶୋଷଣ ହେଉଛନ୍ତି । ଏହା ଫଳରେ ଜନଜାତି ସଦସ୍ୟମାନେ ଅତି ଦୟନୀୟ ପରିସ୍ଥିତିରେ ପଡି ଜୀବନ କାଟିଥାନ୍ତି ।

(୨) **କୃଷି ସମସ୍ୟା** (Problem of Agriculture)

ଜନଜାତିର ମୁଖ୍ୟ ଜୀବିକା ହେଲା କୃଷି । ଏ କ୍ଷେତ୍ରରେ ଏବେ ଅନେକ ସମସ୍ୟା ଦେଖାଦେଉଛି ଯାହାଫଳରେ ସେମାନଙ୍କ ଅର୍ଥନୈତିକ ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଛି । ଜନଜାତି ଲୋକେ ଜଙ୍ଗଲ ପରିଷ୍କାର କରି ଚାଷ କାର୍ଯ୍ୟ କରିଥାନ୍ତି, ଯାହାକୁ ପୋଡୁଚାଷ କୁହାଯାଏ । ଏହି ପୋଡୁ ଚାଷ ଦ୍ୱାରା ଜଙ୍ଗଲ ନଷ୍ଟ ହୋଇନଥାଏ । ଏଣୁ ଜଙ୍ଗଲ ଉପରେ ନିର୍ଭର କରୁଥିବା ଜନଜାତିର ଲୋକେ ଅର୍ଥନୈତିକ ଦୃଷ୍ଟିକୋଣରୁ ଅନେକ କ୍ଷତି ସହିଥାନ୍ତି । ଆମ ଦେଶରେ ଗଣ୍ଡ, ଭିଲ୍, ମିନା, ସାନ୍ତାଳ, ଓରାମ ଓ ମୁଣ୍ଡ ଜନଜାତି ଗୋଷ୍ଠୀ ଅଧିକ ସଂଖ୍ୟାରେ ଦେଖାଯାନ୍ତି ।

ଜନଜାତି ଲୋକେ ହିମାଳୟ ପର୍ବତ ଅଞ୍ଚଳ, ମଧ୍ୟଭାରତ, ପଶ୍ଚିମ ଭାରତ, ଦକ୍ଷିଣ ଭାରତ ଏବଂ ଦ୍ୱୀପପୁଞ୍ଜ ଅଞ୍ଚଳରେ ଅଧିକ ସଂଖ୍ୟାରେ ବସବାସ କରନ୍ତି । ବାରଟି ରାଜ୍ୟ କେନ୍ଦ୍ର ଶାସିତ ଅଞ୍ଚଳମାନଙ୍କରେ ଏକ ନିୟୁତରୁ ଅଧିକ ଜନଜାତି ଲୋକ ବାସ କରିଥାନ୍ତି । ପଞ୍ଜାବ, ହରିୟାନା, ଦିଲ୍ଲୀ ଓ କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡୀଗଡରେ ଜନଜାତି ସମୂହ ଦେଖାଯାଏ ନାହିଁ । ମଧ୍ୟପ୍ରଦେଶ, ଓଡ଼ିଶା, ଛତିଶଗଡ, ମହାରାଷ୍ଟ୍ର, ଝାରଖଣ୍ଡ, ଗୁଜୁରାଟ ଓ ରାଜସ୍ଥାନ ରାଜ୍ୟମାନଙ୍କରେ ପାଞ୍ଚ ନିୟୁତ ଲେଖାଏଁ ଜନଜାତି ଜନସଂଖ୍ୟା ଦେଖାଯାଏ । କେବଳ ମଧ୍ୟପ୍ରଦେଶ ଓ ଛତିଶଗଡରେ ୧୫.୪% ନିୟୁତ ଜନଜାତି ଲୋକ ବସବାସ କରିଥାନ୍ତି । ମଣିପୁର ରାଜ୍ୟରେ ସର୍ବାଧିକ ୯୪.୭୫ ଭାଗ ଜନଜାତି ବାସ କରୁଥିବା ସ୍ଥଳେ ଉତ୍ତର ପ୍ରଦେଶରେ ମାତ୍ର ୦.୨୧ ଭାଗ ଲୋକ ଦେଖିବାକୁ ମିଳେ ।

(୩) **ଜମିସ୍ୱତ୍ତ୍ୱ ହସ୍ତାନ୍ତର** (Land Alienation)

କେତେକ ଅଣ ଜନଜାତିର ଲୋକମାନେ ଜନଜାତି ଲୋକଙ୍କଠାରୁ ବିଭିନ୍ନ ଉପାୟରେ ଜମି ଛଡ଼ାଇ ନେଉଛନ୍ତି ଯାହା ଫଳରେ ସେମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଶିକ୍ଷ ପ୍ରତିଷ୍ଠାନର ବିକାଶ ପାଇଁ ସରକାର ଜନଜାତି ଲୋକଙ୍କ ଠାରୁ ଅତି କମ୍ ମୂଲ୍ୟରେ ଜମି କିଣିଥାନ୍ତି । ଏହାଛଡ଼ା ଗମନାଗମନର ସୁବିଧା ଯୋଗୁଁ ମଧ୍ୟ ଜମି ସ୍ୱତ୍ତ୍ୱ ହସ୍ତାନ୍ତର ଲାଗି ରହିଛି ।

**(୪) ଋଣଗ୍ରସ୍ତତା ଓ ବନ୍ଧୁଆ ଶ୍ରମିକ** (Indebtedness and Bonded Labour)

ଯେତେବେଳେ ବ୍ୟକ୍ତି ନିଜ ଜୀବନରେ ସମସ୍ତ ଇଚ୍ଛା ପୂରଣ କରିବା ପାଇଁ ଧାର, କରଜରେ ବୁଡ଼ି ରହେ ଓ ଏହାକୁ ପରିଶୋଧ କରିବା ପାଇଁ ଅସମର୍ଥ ହୁଏ ସେହି ପରିସ୍ଥିତିକୁ "ଋଣଗ୍ରସ୍ତତା"



କୁହାଯାଏ । ଏହା ଜନଜାତି ସମାଜରେ ଏକ ମୁଖ୍ୟ କଳଙ୍କ । ଧୀରେ ଧୀରେ ଏହି ଋଣର ପରିମାଣ ବୃଦ୍ଧି ଯୋଗୁଁ ଗରିବ ଲୋକ ପରିଶୋଧ କରିନପାରି ବର୍ଷ ବର୍ଷ ଧରି ବନ୍ଧା ଶ୍ରମିକ ଭାବେ କାମ କରିଥାଏ ।

### (୫) ଶିକ୍ଷା ସମସ୍ୟା (Problem of Education)

୨୦୦୧ ମସିହା ଜନଗଣନା ଅନୁଯାୟୀ ଶତକଡ଼ା ୬୫ ଭାଗ ଲୋକ ନିରକ୍ଷର । ଏହି ନିରକ୍ଷରତା ଦୂର କରିବା ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି, ମାତ୍ର ଏହା ସତ୍ତ୍ୱେ ନିରକ୍ଷରତା ହାର ହ୍ରାସ ପାଉନାହିଁ । କାରଣ ଶିକ୍ଷାର ପ୍ରସାର ପାଇଁ ଅନେକ ଗୁଡିଏ ପ୍ରତିବନ୍ଧକ ଦେଖାଦେଇଛି । ଏମାନଙ୍କ ଅର୍ଥନୈତିକ ଅବସ୍ଥା ଏତେ ଶୋଚନୀୟ ଯେ ପିଲାମାନଙ୍କୁ ଶିକ୍ଷାନୁଷ୍ଠାନକୁ ପଠାଇବା ପାଇଁ ଅସମର୍ଥ ହେଉଛନ୍ତି ।

### (୬) ଯୋଗାଯୋଗର ଅସୁବିଧା (Lack of Communication)

ଜନଜାତିର ଲୋକେ ଅତି ଦୁର୍ଗମ ଅଞ୍ଚଳରେ ବାସ କରିଥାନ୍ତି । ଏଣୁ ଯୋଗାଯୋଗ ଓ ଗମନାଗମନ କ୍ଷେତ୍ରରେ ସେମାନଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ । ବର୍ଷା ଦିନରେ ସେମାନଙ୍କ ଅସୁବିଧାର ସୀମା ନଥାଏ । କିନ୍ତୁ ଏବେ ଏହାର ପରିବର୍ତ୍ତନ ହୋଇ ସରକାରଙ୍କ ତରଫରୁ ବିଭିନ୍ନ ସ୍ଥାନରେ ପିଚୁ ରାସ୍ତା କିମ୍ବା କଂକ୍ରିଟ ରାସ୍ତା ତିଆରି ହେଉଛି ।

### (୭) ସ୍ଥାନାନ୍ତରଣର ପ୍ରଭାବ (Migration and its effects)

ଜନଜାତି ଲୋକେ ପେଟ ପୋଷିବା ଆଶାରେ ନିଜ ବାସ ସ୍ଥାନ ଛାଡି ବିଭିନ୍ନ ସ୍ଥାନକୁ ପଳେଇ ଯାଇଥାନ୍ତି ଓ ଛୋଟ ଛୋଟ କଳକାରଖାନା, ଇଟା ଭାଟି ଓ କୃଷି କ୍ଷେତ୍ର ଇତ୍ୟାଦିରେ କାମ କରିଥାନ୍ତି । କେତେକ ଜାଗାରେ ଶ୍ରମିକମାନେ ନୂଆ ଜାଗାରେ ଖାପ ଖୁଆଇ ଚଳିପାରନ୍ତି ନାହିଁ ।

### (୮) ସ୍ଥାନଚ୍ୟୁତ୍ ସମସ୍ୟା (Displacement Problem)

ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନ, କଳକାରଖାନା, ନଦୀବନ୍ଧ ଯୋଜନା ହେବା ଦ୍ୱାରା ଜନଜାତି ଲୋକଙ୍କୁ ନିଜ ଭିଟାମାଟି ଛାଡିବାକୁ ପଡିଥାଏ ଏବଂ ଯେଉଁଠି ସେମାନଙ୍କ ପୁନର୍ବସତି ପାଇଁ ବ୍ୟବସ୍ଥା କରାଯାଏ, ସେଠାରେ ସେମାନେ ଖାପ ଖୁଆଇ ଚଳିବା କଷ୍ଟକର ହୋଇଥାଏ । ପୁନଶ୍ଚ, ଏମାନେ ଅନେକଗୁଡିଏ ସରକାରୀ ସାହାଯ୍ୟରୁ ବଞ୍ଚିତ ହେବା ଦ୍ୱାରା ଅର୍ଥନୈତିକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି ।

### (୯) ପରିଚୟ ସମସ୍ୟା (Problem of Identity)

ଇଂରେଜ ଶାସନ ଅମଳରୁ ଜନଜାତିଗୁଡିକ ସେମାନଙ୍କ ପରିଚୟ ପାଇଁ ବିଶେଷ ବ୍ୟସ୍ତ



ହୋଇଥାନ୍ତି । ସେମାନେ ଜମିଦାର ବିରୁଦ୍ଧରେ, ଜାଗିରଦାର ବିରୁଦ୍ଧରେ ଓ ଇଂରେଜମାନଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ । ଛୋଟନାଗପୁରଠାରେ ୧୭୭୦ ମସିହାରେ ମଲରମାନେ, ୧୮୨୧ରେ ହୋ ମାନେ, ୧୮୩୦ରେ କୋଲମାନେ ଓ ୧୮୫୫ ମସିହାରେ ସାନ୍ତାଳମାନେ ଆନ୍ଦୋଳନ କରିଥିଲେ । ତାପରେ ୧୮୫୭ ମସିହାରେ ଜନଜାତି ଲୋକେ ଭାରତ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ ।

### ପାଠଗତ ପ୍ରଶ୍ନ ୩୦.୨

ନିମ୍ନରେ ଥିବା ବାକ୍ୟଗୁଡ଼ିକ ଠିକ୍ କିମ୍ବା ଭୁଲ ଅଛି ଲେଖ ।

୧. ଅନୁସୂଚିତ ଜନଜାତିଗୁଡ଼ିକ ସାଧାରଣତଃ ସମତଳ ଅଞ୍ଚଳରେ ବାସ କରନ୍ତି । (ଠିକ୍/ ଭୁଲ)

୨. ଅନୁସୂଚିତ ଜନଜାତିର ସର୍ବାଧିକ ସଂଖ୍ୟା ମଧ୍ୟଭାଗରେ ଦେଖାଯାଏ । (ଠିକ୍/ଭୁଲ)

୩. ଶିକାର କରିବା ଓ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା ହେଉଛି ଜନଜାତିର ଅର୍ଥନୀତି । (ଠିକ୍/ଭୁଲ)

୪. ନିମ୍ନ ଜମିକୁ ଡ଼ନ୍ କୁହାଯାଏ । (ଠିକ୍/ଭୁଲ)

୫. ଜନଜାତି ଲୋକେ ଜମିସ୍ୱତ୍ତ୍ୱ ହସ୍ତାନ୍ତର ଓ ପୁନର୍ବାସ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । (ଠିକ୍/ଭୁଲ)

---

### ତୁମେ କଣ ଶିକ୍ଷା

- ଅନୁସୂଚିତ ଜାତି ଆମ ସମାଜର ଏକ ଅବିଚ୍ଛେଦ ଅଙ୍ଗ । କିନ୍ତୁ ସେମାନଙ୍କ ଅପରିଷ୍କାର କାର୍ଯ୍ୟ ଅଥବା ଅପବିତ୍ର କାର୍ଯ୍ୟକରି ନିର୍ବାହ କରୁଥିବା ଜୀବିକା ଯୋଗୁଁ ସେମାନଙ୍କୁ ଅସ୍ପୃଶ୍ୟ କୁହାଯାଏ । ସେମାନେ ତାଙ୍କର ଅଧିକାର ଓ ସ୍ୱାଧୀନତାରୁ ବଞ୍ଚିତ ହୋଇଥାନ୍ତି । ସେମାନେ ଅନେକଗୁଡ଼ିଏ ସାମାଜିକ ଅକ୍ଷମତା ଯୋଗୁଁ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି ।
- ଅନୁସୂଚୀତଜନଜାତି; ଜାତି ବ୍ୟବସ୍ଥାର ଏକ ଅଂଶ ନୁହେଁ । ସେମାନେ ପୁରାପୁରି ସ୍ୱଦେଶୀ ଯେଉଁମାନେ ପାହାଡ, ଜଙ୍ଗଲ ଓ ସମୁଦ୍ର କୁଳ ଅଞ୍ଚଳରେ ବସବାସ କରିଥାନ୍ତି ।
- ଅନୁସୂଚିତଜାତିର ଲୋକେ ହେଲେ ଗରିବ । ତେଣୁ ସେମାନଙ୍କୁ ଘର, ଜମି, ଗୃହପାଳିତ ପଶୁ ଓ ବିଭିନ୍ନ ଜିନିଷ ରଖିବା ମନା । କିନ୍ତୁ ଅନୁସୂଚିତ ଜନଜାତିମାନେ ହେଲେ ଗରିବ ଯେହେତୁ ସେମାନଙ୍କ ଜମି କଳକାରଖାନା, ସହର ବା ବଡ ଯୋଜନା ହେବା ଦ୍ୱାରା ଚାଲିଯାଇଅଛି ।



- ଅନୁସୂଚିତଜାତି ଓ ଜନଜାତିମାନଙ୍କର ଦାରିଦ୍ର୍ୟତା ନିରାକରଣ ପାଇଁ ସରକାରଙ୍କ ତରଫରୁ ଅନେକଗୁଡିଏ ବିକାଶମୂଳକ ଯୋଜନା ହାତକୁ ନିଆଯାଇଛି । କିନ୍ତୁ ସେମାନେ ଅର୍ଥନୈତିକ ଓ ଶିକ୍ଷାଗତ କ୍ଷେତ୍ରରେ ଏବେ ବି ପଛୁଆ ରହିଛନ୍ତି ।

## ପାଠ୍ୟାନ୍ତ ପ୍ରଶ୍ନାବଳୀ

୧. ସାମାଜିକ ସମସ୍ୟାର ସଂଜ୍ଞା କ'ଣ ? ଉଦାହରଣ ଦେଇ ୧୦୦ଟି ଶବ୍ଦ ମଧ୍ୟରେ ଲେଖ ।

୨. ବଞ୍ଚିତ କରଣ (Deprivation) କାହାକୁ କୁହାଯାଏ ? ୧୦୦ଟି ଶବ୍ଦ ମଧ୍ୟରେ ଲେଖ ।

୩. ଅସ୍ପୃଶ୍ୟତାର ସଂଜ୍ଞା ଲେଖ । ଏହାର ସମ୍ପର୍କିତ ପାଞ୍ଚଟି ଅକ୍ଷମତା କ'ଣ ? ୨୦୦ ଶବ୍ଦ ମଧ୍ୟରେ ଲେଖ ।

୪. କେଉଁମାନଙ୍କୁ ଅନୁସୂଚିତ ଜନଜାତି କୁହାଯାଏ ? ସେମାନଙ୍କ ପାଞ୍ଚଟି ମୁଖ୍ୟ ସମସ୍ୟା କ'ଣ ଲେଖ ।

## ପାଠଗତ ପ୍ରଶ୍ନର ଉତ୍ତର

୩୦.୧

୧. ବଞ୍ଚିତ କରିଥାଏ
୨. ଅପରିଷ୍କାର
୩. ଅସ୍ପୃଶ୍ୟତା
୪. ଗ୍ରହଣ କରାଯାଏ ନାହିଁ
୫. ଅସାଧାରଣ ବା ଗୁପ୍ତ

୩୦.୨

୧. ଭୁଲ
୨. ଠିକ୍
୩. ଠିକ୍
୪. ଠିକ୍
୫. ଠିକ୍